# .. ଶ୍ରୀମଦ୍‌ଭଗବଦ୍‌ଗୀତା (ଦ୍ୱିତୀୟୋଽଧ୍ୟାୟଃ)....

## ଅଥ ଦ୍ୱିତୀୟୋଽଧ୍ୟାୟଃ . ସାଂଖ୍ୟୟୋଗଃ

**ସଂଜୟ ଉବାଚ .**

**ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣାକୁଲେକ୍ଷଣମ୍ .**

**ବିଷୀଦଂତମିଦଂ ବାକ୍ୟମୁବାଚ ମଧୁସୂଦନଃ .. ୨-୧..**

ସଂଜୟ କହିଲେ - ସେପରି କରୁଣାବିଷ୍ଟ ଏବଂ ଅଶ୍ରୁପୂର୍ଣ୍ଣ ବ୍ୟାକୁଳନେତ୍ର ଶୋକାକୁଳ ଅର୍ଜୁନଙ୍କୁ ଭଗବାନ୍ ମଧୁସୂଦନ ଏହି କଥା କହିଲେ,--||୨-୧||

Sanjaya said: Lord Krishna spoke these words to Arjuna whose eyes were tearful and downcast, and who was overwhelmed with compassion and despair. (2.01)

**ଶ୍ରୀଭଗବାନୁବାଚ .**

**କୁତସ୍ତ୍ୱା କଶ୍ମଲମିଦଂ ବିଷମେ ସମୁପସ୍ଥିତମ୍ .**

**ଅନାର୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତିକରମର୍ଜୁନ .. ୨-୨..**

ଶ୍ରୀଭଗବାନ୍ କହିଲେ -- ହେ ଅର୍ଜୁନ! ତୁମକୁ ଏହି ଅସମୟରେ ଏହି ମୋହ କେଉଁଠୁ ଆସିଗଲା ? କାରଣ ଏହା ଶ୍ରେଷ୍ଠ ପୁରୁଷମାନଙ୍କ ଦ୍ୱାରା ଆଚରିତ ନୁହେଁ, କିମ୍ବା ସ୍ୱର୍ଗପ୍ରଦାୟକ କି କୀର୍ତ୍ତିପ୍ରଦାୟକ ମଧ୍ୟ ନୁହେଁ ||୨-୨||

The Supreme Lord said: How has the dejection come to you at this juncture? This is not fit for an Aryan (or the people of noble mind and deeds). It is disgraceful, and it does not lead one to heaven, O Arjuna. (2.02)

**କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ .**

**କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରଂତପ .. ୨-୩..**

ତେଣୁ ହେ ଅର୍ଜୁନ ! ନପୁଂସକତା ପ୍ରାପ୍ତ ହୁଅ ନାହିଁ | ତୁମ ପକ୍ଷରେ ଏହା ଉଚିତ ନୁହେଁ | ହେ ଶତ୍ରୁତାପନ ! ହୃଦୟର ତୁଚ୍ଛ ଦୁର୍ବଳତା ତ୍ୟାଗ କରି ଯୁଦ୍ଧ କରିବାକୁ ଠିଆ ହୋଇଯାଅ ||୨-୩||

Do not become a coward, O Arjuna, because it does not befit you. Shake off this weakness of your heart and get up (for the battle), O Arjuna. (2.03)

ଅର୍ଜୁନ ଉବାଚ .

କଥଂ ଭୀଷ୍ମମହଂ ସଂଖ୍ୟେ ଦ୍ରୋଣଂ ଚ ମଧୁସୂଦନ .

ଇଷୁଭିଃ ପ୍ରତିୟୋତ୍ସ୍ୟାମି ପୂଜାର୍ହାଵରିସୂଦନ .. ୨-୪..

ଅର୍ଜୁନ କହିଲେ -- ହେ ମଧୁସୂଦନ ! ରଣଭୂମିରେ ଭୀଷ୍ମପିତାମହ ଓ ଦ୍ରୋଣାଚାର୍ଯ୍ୟଙ୍କ ବିରୁଦ୍ଧରେ ମୁଁ କିପରି ବାଣ ମାରି ଲଢିବି ? କାରଣ ହେ ଅରିସୂଦନ ! ସେ ଦୁହେଁ ମୋର ପୂଜନୀୟ ||୨-୪||

Arjuna said: How shall I strike Bheeshma and Drona, who are worthy of my worship, with arrows in battle, O Krishna? (2.04)

ଗୁରୂନହତ୍ୱା ହି ମହାନୁଭାଵାନ୍

ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହ ଲୋକେ .

ହତ୍ୱାର୍ଥକାମାଂସ୍ତୁ ଗୁରୂନିହୈଵ

ଭୁଂଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ୍ .. ୨-୫..

ତେଣୁ ଏହି ମହାନୁଭବ ଗୁରୁଜନମାନଙ୍କୁ ମାରିବା ଅପେକ୍ଷା ମୁଁ ଏହି ଲୋକରେ ଭିକ୍ଷାନ୍ନଦ୍ୱାରା ଜୀବିକା ନିର୍ବାହ କରିବା  କଲ୍ୟାଣକର ବୋଲି ମନେ କରୁଛି; କାରଣ ଗୁରୁଜନମାନଙ୍କୁ ମାରିଲେ ଏହି ଲୋକରେ ସେମାନଙ୍କ ରକ୍ତସିକ୍ତ ଅର୍ଥ ଓ କାମରୂପକ ଭୋଗସାମଗ୍ରୀ ହିଁ ତ ଭୋଗ କରିବି ||୨-୫||

It would be better, indeed, to live on alms in this world than to slay these noble gurus, because, by killing them I would enjoy wealth and pleasures stained with (theirs) blood. (2.05)

ନ ଚୈତଦ୍ୱିଦ୍ମଃ କତରନ୍ନୋ ଗରୀୟୋ

ୟଦ୍ୱା ଜୟେମ ୟଦି ଵା ନୋ ଜୟେୟୁଃ .

ୟାନେଵ ହତ୍ୱା ନ ଜିଜୀଵିଷାମସ୍-

ତେଽଵସ୍ଥିତାଃ ପ୍ରମୁଖେ ଧାର୍ତରାଷ୍ଟ୍ରାଃ .. ୨-୬..

ଆମର ଯୁଦ୍ଧ ବରିବା ଓ ନ କରିବା -- ଏହି ଦୁଇଟି ମଧ୍ୟରୁ କେଉଁଟି ଶ୍ରେଷ୍ଠ, ଆମେ ତାହା ଜାଣି ନାହୁଁ; ଆମେ ସେମାନଙ୍କୁ ଜିତିବୁ, କି ସେମାନେ ଆମକୁ  ଜିତିବେ, ତାହା ମଧ୍ୟ ଜାଣି ନାହୁଁ, ଯେଉଁମାନଙ୍କୁ ମାରି ଆମେ ବଞ୍ଚିବାକୁ ଇଚ୍ଛା ମଧ୍ୟ କରୁ ନାହୁଁ, ଆମର ସେହି ଆତ୍ମୀୟ ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ହିଁ ଆମ ସମ୍ମୁଖରେ ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ||୨-୬||

Neither do we know which alternative (to beg or to kill) is better for us, nor do we know whether we shall conquer them or they will conquer us. We should not even wish to live after killing the sons of Dhritaraashtra who are standing in front of us. (2.06)

## କାର୍ପଣ୍ୟଦୋଷୋପହତସ୍ୱଭାବଃ

## ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢଚେତାଃ .

## ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ

## ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ .. ୨-୭..

ତେଣୁ କାପୁରୁଷତାରୂପକ ଦୋଷହେତୁ ନଷ୍ଟସ୍ୱଭାବଯୁକ୍ତ ତଥା ଧର୍ମବିଷୟରେ ମୋହିତଚିତ୍ତ ହୋଇଥିବା ମୁଁ ଆପଣଙ୍କୁ ପଚାରୁଛି, ମୋ ପକ୍ଷରେ କ'ଣ କରିବା ନିଶ୍ଚିତ କଲ୍ୟାଣକର, ତାହା ମୋତେ କହନ୍ତୁ; କାରଣ ମୁଁ ଆପଣଙ୍କର ଶିଷ୍ୟ | ମୋପରି ଶରଣାଗତକୁ ଆପଣ ଉପଦେଶ ଦିଅନ୍ତୁ ||୨-୭||

My heart is overcome by the weakness of pity, and my mind is confused about Dharma. I request You to tell me, decisively, what is better for me. I am Your disciple. Teach me who has taken refuge in You. (2.07)

## ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍

## ଯଚ୍ଛୋକମୁଚ୍ଛୋଷଣମିଂଦ୍ରିୟାଣାମ୍ .

## ଅବାପ୍ୟ ଭୂମାବସପତ୍ନମୃଦ୍ଧଂ

## ରାଜ୍ୟଂ ସୁରାଣାମପି ଚାଧିପତ୍ୟମ୍ .. ୨-୮..

କାରଣ ଇହଲୋକରେ ନିଷ୍କଣ୍ଟକ, ଧନଧାନ୍ୟସମ୍ପନ୍ନ ରାଜ୍ୟ ଏବଂ ଦେବତାମାନଙ୍କର ଆଧିପତ୍ୟ ପାଇଗଲେ ମଧ୍ୟ ମୁଁ ମୋର ଇନ୍ଦ୍ରିୟମାନଙ୍କୁ ଶୁଷ୍କ କରିଦେଉଥିବା ଶୋକକୁ ଦୂର କରିପାରିବାପରି କୌଣସି ଉପାୟ ଦେଖିପାରୁ ନାହିଁ ||୨-୮||

Dharma may be defined as the eternal law governing, upholding, and supporting the creation and the world order. It also means duty, righteousness, ideal conduct, moral principles, and truth. Adharma is an antonym to Dharma. Expert guidance should be sought during the moment of crisis.
I do not perceive that gaining an unrivaled and prosperous kingdom on this earth, or even lordship over the gods will remove the sorrow that is drying up my senses. (2.08)

ସଂଜୟ ଉବାଚ .

ଏବମୁକ୍ତ୍ୱା ହୃଷୀକେଶଂ ଗୁଡାକେଶଃ ପରଂତପ .

ନ ଯୋତ୍ସ୍ୟ ଇତି ଗୋବିଂଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ .. ୨-୯..

ସଂଜୟ ଧୃତରାଷ୍ଟ୍ରଙ୍କୁ କହିଲେ -- ହେ ରାଜନ୍ ! ନିଦ୍ରାଜୟୀ ଅର୍ଜୁନ ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣଙ୍କୁ ଏପରି କହିଲେ ଓ ଶ୍ରୀ ଗୋବିନ୍ଦ ଭଗବାନଙ୍କୁ 'ଯୁଦ୍ଧ କରିବି ନାହିଁ' ବୋଲି ସ୍ପଷ୍ଟଭାବରେ କହିଦେଇ ଚୁପ୍ ହୋଇଗଲେ ||୨-୯||

Sanjaya said: O King, after speaking like this to Lord Krishna, the mighty Arjuna said to Krishna: I shall not fight, and became silent. (2.09)

ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ .

ସେନୟୋରୁଭୟୋର୍ମଧ୍ୟେ ବିଷୀଦଂତମିଦଂ ବଚଃ .. ୨-୧୦..

ହେ ଭରତବଂଶୀ ଧୃତରାଷ୍ଟ୍ର ! ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ପରମାତ୍ମା ଦୁଇ ସେନାଙ୍କ ମଧ୍ୟରେ ଶୋକ କରୁଥିବା ସେହି ଅର୍ଜୁନଙ୍କୁ ସ୍ମିତହାସ କରି କହିଲେ, -- ||୨-୧୦||

O King, Lord Krishna, as if smiling, spoke these words to the despondent Arjuna in the midst of the two armies. (2.10)

ଶ୍ରୀଭଗବାନୁବାଚ .

ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ .

ଗତାସୂନଗତାସୂଂଶ୍ଚ ନାନୁଶୋଚଂତି ପଂଡିତାଃ .. ୨-୧୧..

ଶ୍ରୀଭଗବାନ୍ କହିଲେ -- ହେ ଅର୍ଜୁନ! ଯାହାଙ୍କ ପାଇଁ ଶୋକ କରିବା ଉଚିତ ନୁହେଁ, ସେମାନଙ୍କ ପାଇଁ ଶୋକ କରୁଛ ଏବଂ ପଣ୍ଡିତଙ୍କ ପରି କଥା କହୁଛ! କିନ୍ତୁ ଯାହାଙ୍କର ପ୍ରାଣ ଚାଲିଯାଇଛି, ସେମାନଙ୍କ ପାଇଁ ଏବଂ ଯାହାଙ୍କର ପ୍ରାଣ ଯାଇ ନାହିଁ, ସେମାନଙ୍କ ପାଇଂ ମଧ୍ୟ ପଣ୍ଡିତ ମାନେ ଶୋକ କରନ୍ତି ନାହିଁ ||୨-୧୧||

The Supreme Lord said: You grieve for those who are not worthy of grief, and yet speak the words of wisdom. The wise grieve neither for the living nor for the dead. (2.11)

ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ .

ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ .. ୨-୧୨..

ଏପରି ନୁହେଁ ଯେ, କୌଣସି କାଳରେ ମୁଁ ନ ଥିଲି, କି ତୁମେ ନ ଥିଲ ଅଥବା ଏହି ରାଜାମାନେ ନଥିଲେ | ପୁଣି ଏପରି ମଧ୍ୟ ଘଟିବ ନାହିଁ ଯେ, ଭବିଷ୍ୟତରେ ଆମେ ସମସ୍ତେ ରହିବା ନାହିଁ ||୨-୧୨||

There was never a time when I, you, or these kings did not exist; nor shall we ever cease to exist in the future. (2.12)

## ଦେହିନୋଽସ୍ମିନ୍ୟଥା ଦେହେ କୌମାରଂ ଯୌବନଂ ଜରା .

## ତଥା ଦେହାଂତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି .. ୨-୧୩..

ଯେପରି ଏହି ଦେହରେ ଜୀବାତ୍ମାର ବାଲ୍ୟାବସ୍ଥା, ଯୌବନାବସ୍ଥା ଓ ବୃଦ୍ଧାବସ୍ଥା ହୋଇଥାଏ, ସେପରି ଅନ୍ୟ ଶରୀର ମଧ୍ୟ ପ୍ରାପ୍ତ ହୁଏ; ସେହି ବିଷୟରେ ଧୀର ପୁରୁଷ ମୋହଗ୍ରସ୍ତ ହୁଅନ୍ତି ନାହିଁ ||୨-୧୩||

Just as the Atma acquires a childhood body, a youth body, and an old age body during this life, similarly Atma acquires another body after death. The wise are not deluded by this. (See also 15.08) (2.13)

## ମାତ୍ରାସ୍ପର୍ଶାସ୍ତୁ କୌଂତେୟ ଶୀତୋଷ୍ଣସୁଖଦୁଃଖଦାଃ .

## ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ .. ୨-୧୪..

କାରଣ, ହେ କୁନ୍ତୀପୁତ୍ର! ଶୀତ-ଉଷ୍ଣ ଓ ସୁଖ-ଦୁଃଖ ଦେଉଥିବା ଇନ୍ଦ୍ରିୟ ଓ ବିଷୟମାନଙ୍କର ସଂଯୋଗ ତ ଉତ୍ପତ୍ତି-ବିନାଶଶୀଳ ଓ ଅନିତ୍ୟ; ତେଣୁ ହେ ଭାରତ! ତୁମେ ସେଗୁଡିକ ସହିଯାଅ ||୨-୧୪||

Atma or Atman means conscious-ness, spirit, soul, self, the source of life and the cosmic power behind the body-mind complex. Just as our body exists in space, similarly our thoughts, intellect, emotions, and psyche exist in Atma, the space of consciousness. Atma cannot be perceived by the senses, because, the senses abide in Atma.

The contacts of the senses with the sense objects give rise to the feelings of heat and cold, and pain and pleasure. They are transitory and impermanent. Therefore, (learn to) endure them, O Arjuna. (2.14)

## ୟଂ ହି ନ ବ୍ୟଥୟଂତ୍ୟେତେ ପୁରୁଷଂ ପୁରୁଷର୍ଷଭ .

## ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଲ୍ପତେ .. ୨-୧୫..

କାରଣ, ହେ ପୁରୁଷଶ୍ରେଷ୍ଠ! ସୁଖ-ଦୁଃଖକୁ ସମାନ ଦୃଷ୍ଟିରେ  ଦେଖୁଥିବା ଯେଉଁ ଧୀର ପୁରୁଷଙ୍କୁ ଏହି ଇନ୍ଦ୍ରିୟ ଓ ବିଷୟର ସଂଯୋଗ ବ୍ୟାକୁଳ କରିପାରେ ନାହିଁ, ସେ ହିଁ ମୋକ୍ଷ୍ୟପାଇଁ ଯୋଗ୍ୟ ହୁଅନ୍ତି ||୨-୧୫||

Because the calm person, who is not afflicted by these feelings and is steady in pain and pleasure, becomes fit for immortality, O Arjuna. (2.15)

## ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ .

## ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ .. ୨-୧୬..

ଅସତ୍ ବସ୍ତୁର ଅସ୍ତିତ୍ୱ ନାହିଁ ଏବଂ ସତ୍‌ବସ୍ତୁର ଅଭାବ ନାହିଁ | ଏପରିଭାବରେ ଉକ୍ତ ଦୁଇଟିଯାକର ତତ୍ତ୍ୱ ତତ୍ତ୍ୱଜ୍ଞାନୀ ପୁରୁଷମାନଙ୍କ ଦ୍ୱାରା ଦେଖାଯାଇଛି ||୨-୧୬||

There is no nonexistence of the Sat (or Atma) and no existence of the Asat. The reality of these two is indeed certainly seen by the seers of truth. (2.16)

## ଅବିନାଶି ତୁ ତଦ୍ବିଦ୍ଧି ୟେନ ସର୍ବମିଦଂ ତତମ୍ .
## ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍କର୍ତୁମର୍ହତି .. ୨-୧୭..

ଏହି ନ୍ୟାୟରେ ଯାହାଙ୍କ ଦ୍ୱାରା ଏହି ସଂପୂର୍ଣ୍ଣ ଦୃଶ୍ୟଜଗତ୍ ବ୍ୟାପ୍ତ ହୋଇଛି, ତାହାଙ୍କୁ ଅବିନାଶୀ ବୋଲି ଜାଣ | ସେହି ଅବିନାଶୀଙ୍କୁ ବିନାଶ କରିବାକୁ କେହି ହେଲେ ସମର୍ଥ ନୁହେଁ ||୨-୧୭||

Sat exists at all times—past, present, and future. Atma is called Sat. Asat is a notion that does not exist at all (like the horn of a rabbit, or the water in a mirage). The one that has a beginning and an end is neither Sat nor Asat. The body is neither Sat nor Asat, or both Sat and Asat, because, it has a temporary existence. Mithya is the one that appears Sat at first sight, but is really Asat. Body, like the universe or Jagat, is called Mithya.
Know That, by which all this (universe) is pervaded, to be indestructible. No one can destroy the indestructible (Atma) . (2.17)

## ଅଂତବଂତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ .
## ଅନାଶିନୋଽପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ .. ୨-୧୮..

ନାଶରହିତ, ଅପ୍ରମେୟ, ନିତ୍ୟସ୍ୱରୁପ ଜୀବାତ୍ମାର ଏହି ଶରୀରଗୁଡିକ ନାଶବାନ୍ ବୋଲି କୁହାଯାଇଛି | ତେଣୁ ହେ ଭରତବଂଶୀ ଅର୍ଜୁନ! ତୁମେ ଯୁଦ୍ଧ କର ||୨-୧୮||

Bodies of the eternal, imperishable, and incomprehensible soul are said to be perishable. Therefore, fight, O Arjuna. (2.18)

## ୟ ଏନଂ ବେତ୍ତି ହଂତାରଂ ୟଶ୍ଚୈନଂ ମନ୍ୟତେ ହତମ୍ .
## ଉଭୌ ତୌ ନ ବିଜାନୀତୋ ନାୟଂ ହଂତି ନ ହନ୍ୟତେ .. ୨-୧୯..

ଯେ ଏହି ଆତ୍ମା ହତ୍ୟା କରେ ବୋଲି ବୁଝନ୍ତି ତଥା ଯେ ଏହ ନିହତ ହୁଏ ବୋଲି ସ୍ୱୀକାର କରନ୍ତି, ସେ ଉଭୟେ ଆତ୍ମା ବିଷୟରେ କିଛି ଜାଣନ୍ତି ନାହିଁ; କାରଣ ଏହି ଆତ୍ମା ବାସ୍ତବରେ କାହାରିକୁ ହତ୍ୟା କରେ ନାହିଁ, କି କାହାରି ଦ୍ୱାରା ନିହତ ହୁଏ ନାହିଁ ||୨-୧୯||

The one who thinks that Atma is a slayer, and the one who thinks that Atma is slain, both are ignorant, because Atma neither slays nor is slain. (2.19)

**ନ ଜାୟତେ ମ୍ରିୟତେ ବା କଦାଚିନ୍**

**ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ .**

**ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ**

**ନ ହନ୍ୟତେ ହନ୍ୟମାନେ ଶରୀରେ .. ୨-୨୦..**

ଏହି ଆତ୍ମା କୌଣସି କାଳରେ ବି ଜନ୍ମ ହୁଏ ନାହିଁ, କି ମରେ ନାହିଁ ତଥା ଏହା ଉତ୍ପନ୍ନ ହେବା ପରେ ଯେ ହୁଏ, ସେପରି ନୁହେଁ; କାରଣ ଏହା ହେଉଛି ଅଜନ୍ମା, ନିତ୍ୟ, ସନାତନ ଏବଂ ପୁରାତନ | ଶରୀରକୁ ବଧ କରିଦେଲେ ମଧ୍ୟ ଏହା ନିହତ ହୁଏ ନାହିଁ ||୨-୨୦||

The Atma is neither born nor does it die at any time, nor having been it will cease to exist again. It is unborn, eternal, permanent, and primeval. The Atma is not destroyed when the body is destroyed. (2.20)

**ବେଦାବିନାଶିନଂ ନିତ୍ୟଂ ୟ ଏନମଜମବ୍ୟୟମ୍ .**

**କଥଂ ସ ପୁରୁଷଃ ପାର୍ଥ କଂ ଘାତୟତି ହଂତି କମ୍ .. ୨-୨୧..**

ହେ ପୃଥାପୁତ୍ର ଅର୍ଜୁନ! ଯେଉଁ ପୁରୁଷ ଏହି ଆତ୍ମାକୁ ନାଶରହିତ, ନିତ୍ୟ, ଅଜନ୍ମା ଓ ଅବ୍ୟୟ ବୋଲି ଜାଣନ୍ତି, ସେହି ପୁରୁଷ କାହାକୁ କିପରି ବଧ କରିବେ ବା ବଧ କରାଇବେ? ||୨-୨୧||

*O Arjuna, how can a person who knows that the Atma is indestructible, eternal, unborn, and imperishable, kill anyone or cause anyone to be killed? (2.21)*

**ବାସାଂସି ଜୀର୍ଣାନି ୟଥା ବିହାୟ**

**ନବାନି ଗୃହ୍ଣାତି ନରୋଽପରାଣି .**

**ତଥା ଶରୀରାଣି ବିହାୟ ଜୀର୍ଣା-**

**ନ୍ୟନ୍ୟାନି ସଂୟାତି ନବାନି ଦେହୀ .. ୨-୨୨..**

ମନୁଷ୍ୟ ଯେପରି ପୁରୁଣା ବସ୍ତ୍ରମାନ ତ୍ୟାଗ କରି ଅନ୍ୟ ନୂତନ ବସ୍ତ୍ର ଗ୍ରହଣ କରେ, ଜୀବାତ୍ମା ସେହିପରି ପୁରାତନ ଶରୀରମାନ ତ୍ୟାଗ କରି ଅନ୍ୟ ନୂତନ ଶରୀରମାନ ପ୍ରାପ୍ତ ହୋଇଥାଏ ||୨-୨୨||

Just as a person puts on new garments after discarding the old ones, similarly Atma acquires new bodies after casting away the old bodies. (2.22)

## ନୈନଂ ଛିଂଦଂତି ଶସ୍ତ୍ରାଣି ନୈନଂ ଦହତି ପାବକଃ .
## ନ ଚୈନଂ କ୍ଲେଦୟଂତ୍ୟାପୋ ନ ଶୋଷୟତି ମାରୁତଃ .. ୨-୨୩..

ଏହି ଆତ୍ମାକୁ କୌଣସି ଶସ୍ତ୍ର ବି କାଟିପାରେ ନାହିଁ; ଅଗ୍ନି ଏହାକୁ ଜଳାଇପାରେ ନାହିଁ; ଜଳ ଏହାକୁ ଭିଜାଇପାରେ ନାହିଁ ଏବଂ ବାୟୁ ଏହାକୁ ଶୁଖାଇପାରେ ନାହିଁ ||୨-୨୩||

Weapons do not cut this Atma, fire does not burn it, water does not make it wet, and the wind does not make it dry. (2.23)

## ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ .
## ନିତ୍ୟଃ ସର୍ବଗତଃ ସ୍ଥାଣୁରଚଲୋଽୟଂ ସନାତନଃ .. ୨-୨୪..

କାରଣ ଏହି ଆତ୍ମା ଅଚ୍ଛେଦ୍ୟ; ଏହା ଅଦାହ୍ୟ, ଅକ୍ଲେଦ୍ୟ ଓ ନିଃସନ୍ଦେହ ଅଶୋଷ୍ୟ ତଥା ଏହା ହେଉଛି ନିତ୍ୟ, ସର୍ବଗତ, ସ୍ଥିର, ଅଚଳ ଓ ସନାତନ | ||୨-୨୪||

This Atma cannot be cut, burned, wetted, or dried up. It is eternal, all pervading, unchanging, immovable, and primeval. (2.24)

## ଅବ୍ୟକ୍ତୋଽୟମଚିଂତ୍ୟୋଽୟମବିକାର୍ୟୋଽୟମୁଚ୍ୟତେ .
## ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି .. ୨-୨୫..

ଏହି ଆତ୍ମା ଅବ୍ୟକ୍ତ; ଏହା ଅଚିନ୍ତ୍ୟ ଏବଂ ଏହାକୁ ବିକାରରହିତ କୁହାଯାଏ | ଏଣୁ ହେ ଅର୍ଜୁନ! ଏହି ଆତ୍ମା ଏପରି ବୋଲି ଜାଣି ତୁମେ ଶୋକ କରିବା ଉଚିତ ନୁହେଁ ||୨-୨୫||

The Atma is said to be unmanifest, unthinkable, and unchanging. Knowing this Atma as such you should not grieve. (2.25)

## ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ .
## ତଥାପି ତ୍ୱଂ ମହାବାହୋ ନୈବଂ ଶୋଚିତୁମର୍ହସି .. ୨-୨୬..

ପକ୍ଷାନ୍ତରେ, ଯଦି ତୁମେ ଏହି ଆତ୍ମାକୁ ନିତ୍ୟ ଜନ୍ମ ହେଉଛି ଏବଂ ନିତ୍ୟ ମରୁଛି ବୋଲି ସ୍ୱୀକାର କରୁଥାଅ, ତଥାପି ହେ ମହାବାହୁ! ତୁମେ ଏପରି ଶୋକ କରିବା ଉଚିତ ନୁହେଁ ||୨-୨୬||

If you think that this (body) takes birth and dies perpetually, even then, O Arjuna, you should not grieve like this. (2.26)

## ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ .

## ତସ୍ମାଦପରିହାର୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି .. ୨-୨୭..

କାରଣ ଏହି ମାନ୍ୟତା ଅନୁସାରେ ଜନ୍ମ ହୋଇଥିବା ଲୋକର ମୃତ୍ୟୁ ନିଶ୍ଚିତ ଏବଂ ମରିଥିବା ଲୋକର ଜନ୍ମ ନିଶ୍ଚିତ | ଏହିହେତୁ ମଧ୍ୟ ଯାହା ଅନିବାର୍ଯ୍ୟ, ସେହି ବିଷୟରେ ତୁମେ ଶୋକ କରିବା ଉଚିତ ନୁହେଁ ||୨-୨୭||

Because, death is certain for the one who is born, and birth is certain for the one who dies. Therefore, you should not lament over the inevitable. (2.27)

## ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ .

## ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା .. ୨-୨୮..

ହେ ଅର୍ଜୁନ! ସମସ୍ତ ପ୍ରାଣୀ ଜନ୍ମ ହେବା ପୂର୍ବରୁ ଅପ୍ରକଟ ହୋଇ ରହିଥାନ୍ତି ଏବଂ ମୃତ୍ୟୁ ପରେ ମଧ୍ୟ ଅପ୍ରକଟ ହୋଇଯାଆନ୍ତି | ସେମାନେ କେବଳ ଏହି ମଧ୍ୟବର୍ତ୍ତୀ କାଳରେ ହିଁ ପ୍ରକଟ ହୁଅନ୍ତି | ଏପରି ସ୍ଥିତିରେ ଶୋକ କରିବା କ'ଣ? ||୨-୨୮||

All beings, O Arjuna, are unmanifest before birth and after death. They are manifest between the birth and the death only. What is there to grieve about? (2.28)

## ଆଶ୍ଚର୍ୟବତ୍ପଶ୍ୟତି କଶ୍ଚିଦେନ-

## ମାଶ୍ଚର୍ୟବଦ୍ୱଦତି ତଥୈବ ଚାନ୍ୟଃ .

## ଆଶ୍ଚର୍ୟବଚ୍ଚୈନମନ୍ୟଃ ଶୃଣୋତି

## ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ .. ୨-୨୯..

କୌଣସି ଜଣେ ମହାପୁରୁଷ ହିଁ ଏହି ଆତ୍ମାକୁ ଆଶ୍ଚର୍ଯ୍ୟପରି ଦେଖନ୍ତି ଏବଂ ସେହିପରି ଅନ୍ୟ କେହି ମହାପୁରୁଷ ଏହାର ତତ୍ତ୍ୱକୁ ଆଶ୍ଚର୍ଯ୍ୟପରି ବର୍ଣ୍ଣନା କରନ୍ତି ତଥା ଅନ୍ୟ କେହି ଅଧିକାରୀ ପୁରୁଷ ଏହାକୁ ଆଶ୍ଚର୍ଯ୍ୟପରି ଶୁଣନ୍ତି ଏବଂ କେହି କେହି ଶୁଣି ମଧ୍ୟ ଏହାକୁ ଜାଣି ପାରନ୍ତି ନାହିଁ ||୨-୨୯||

Some look upon this Atma as a wonder, another describes it as wonderful, and others hear of it as a wonder. Even after hearing about it no one actually knows it. (2.29)

## ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ .

## ତସ୍ମାତ୍ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି .. ୨-୩୦..

ହେ ଅର୍ଜୁନ! ଏହି ଆତ୍ମା ସମସ୍ତଙ୍କ ଶରୀରରେ ସର୍ବଦା ଅବଧ୍ୟ | ତେଣୁ ସକଳ ପ୍ରାଣୀଙ୍କ ପାଇଁ ଅର୍ଥାତ୍ କୌଣସି ବି ପ୍ରାଣୀପାଇଁ ତୁମେ ଶୋକ କରିବା ଉଚିତ ନୁହେଁ ||୨-୩୦||

O Arjuna, the Atma that dwells in the body of all (beings) is eternally indestructible. Therefore, you should not mourn for any body. (2.30)

## ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକଂପିତୁମର୍ହସି .

## ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍କ୍ଷତ୍ରିୟସ୍ୟ ନ ବିଦ୍ୟତେ .. ୨-୩୧..

ପୁଣି ନିଜର ଧର୍ମଦୃଷ୍ଟିରୁ ବି ତୁମେ ଭୟ କରିବା ଉଚିତ ନୁହେଁ; କାରଣ କ୍ଷତ୍ରିୟନିମନ୍ତେ ଧର୍ମଯୁଦ୍ଧଠାରୁ ବଳି କଲ୍ୟାଣକର କର୍ତ୍ତବ୍ୟ ଆଉ କିଛି ନାହିଁ ||୨-୩୧||

Considering also your duty as a warrior you should not waver. Because there is nothing more auspicious for a warrior than a righteous war. (2.31)

## ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ .

## ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭଂତେ ଯୁଦ୍ଧମୀଦୃଶମ୍ .. ୨-୩୨..

ହେ ପାର୍ଥ! ସ୍ୱତଃ ପ୍ରାପ୍ତ ହୋଇଥିବା ଏବଂ ଉନ୍ମୁକ୍ତ ସ୍ୱର୍ଗଦ୍ୱାରରୂପକ ଏହିପରି ଯୁଦ୍ଧ ଭାଗ୍ୟବାନ୍ କ୍ଷତ୍ରିୟମାନେ ହିଁ ଲାଭ କରନ୍ତି ||୨-୩୨||

Only the fortunate warriors, O Arjuna, get such an opportunity for an unsought war that is like an open door to heaven. (2.32)

## ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଂଗ୍ରାମଂ ନ କରିଷ୍ୟସି .

## ତତଃ ସ୍ୱଧର୍ମଂ କୀର୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି .. ୨-୩୩..

କିନ୍ତୁ ଯଦି ତୁମେ ଏହି ଧର୍ମମୟ ଯୁଦ୍ଧ ନ କରିବ, ତେବେ ସ୍ୱଧର୍ମ ଓ ସୁଯଶ ହରାଇ ପାପଭାଗୀ ହେବ ||୨-୩୩||

If you will not fight this righteous war, then you will fail in your duty, lose your reputation, and incur sin. (2.33)

## ଅକୀର୍ତିଂ ଚାପି ଭୂତାନି କଥୟିଷ୍ୟଂତି ତେଽବ୍ୟୟାମ୍ .

## ସଂଭାବିତସ୍ୟ ଚାକୀର୍ତିର୍ମରଣାଦତିରିଚ୍ୟତେ .. ୨-୩୪..

ତଥା ସମସ୍ତେ ଦୀର୍ଘକାଳସ୍ଥାୟୀ ତୁମର ଅପକୀର୍ତ୍ତି ବି ଆଲୋଚନା କରିବେ ଏବଂ ସମ୍ମାନନୀୟ ପୁରୁଷମାନଙ୍କ ନିମନ୍ତେ ଅପକୀର୍ତ୍ତି ହେଉଛି ମରଣରୁ ବଳି ଦୁଃଖଦାୟକ ||୨-୩୪||

People will talk about your disgrace forever. To the honored, dishonor is worse than death. (2.34)

ଭୟାଦ୍ରଣାଦୁପରତଂ ମଂସ୍ୟଂତେ ତ୍ୱାଂ ମହାରଥାଃ .

ଯେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ୟାସ୍ୟସି ଲାଘବମ୍ .. ୨-୩୫..

ଏବଂ ଯେଉଁମାନଙ୍କ ଦୃଷ୍ଟିରେ ତୁମେ ବିଶେଷରୂପେ ସମ୍ମାନିତ ହୋଇସାରିଛ, ସେମାନଙ୍କ ଦୃଷ୍ଟିରେ ବର୍ତ୍ତମାନ ହୀନ ହୋଇଯିବ; ସେହି ମହାରଥୀମାନେ ମନେ କରିବେ ଯେ, ତୁମେ ଭୟଭୀତ ହୋଇ ଯୁଦ୍ଧରୁ ଓହରି ଗଲ ||୨-୩୫||

The great warriors will think that you have retreated from the battle out of fear. Those who have greatly esteemed you will lose respect for you. (2.35)

ଅବାଚ୍ୟବାଦାଂଶ୍ଚ ବହୂନ୍ବଦିଷ୍ୟଂତି ତବାହିତାଃ .

ନିଂଦଂତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ .. ୨-୩୬..

ତୁମର ଶତ୍ରୁମାନେ ତୁମ ସାମର୍ଥ୍ୟକୁ ନିନ୍ଦା କରି କରି ତୁମକୁ ବହୁ ଅକଥ୍ୟ ବଚନ ମଧ କହିବେ | ତା'ଠାରୁ ବଳି ଦୁଃଖର ବିଷୟ ଆଉ କ'ଣ ହୋଇପାରେ! ||୨-୩୬||

Your enemies will speak many unmentionable words and scorn your ability. What could be more painful than this? (2.36)

ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ .

ତସ୍ମାଦୁତ୍ତିଷ୍ଠ କୌଂତେୟ ଯୁଦ୍ଧାୟ କୃତନିଶ୍ଚୟଃ .. ୨-୩୭..

ତୁମେ ଯୁଦ୍ଧରେ ନିହତ ହେଲେ ସ୍ୱର୍ଗ ପାଇବ; ନାହିଁ ତ ଯୁଦ୍ଧରେ ଜୟୀ ହେଲେ ଭୂମଣ୍ଡଳର ରାଜ୍ୟ ଭୋଗ କରିବ | ତେଣୁ ହେ ଅର୍ଜୁନ! ତୁମେ ଯୁଦ୍ଧ କରିବାକୁ ସଂକଳ୍ପବଦ୍ଧ ହୋଇ ଦଣ୍ଡାୟମାନ ହୋଇଯାଅ ||୨-୩୭||

You will go to heaven if killed, or you will enjoy the earth if victorious. Therefore, get up with a determination to fight, O Arjuna. (2.37)

ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ .

ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି .. ୨-୩୮..

ଜୟ- ପରାଜୟ, ଲାଭ-କ୍ଷତି ଓ ସୁଖ- ଦୁଃଖକୁ ସମାନ ମନେ କରି, ତାହା ପରେ ତୁମେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଯାଅ |ଏହିପରି ଯୁଦ୍ଧ କଲେ ତୁମେ ପାପଭାଗୀ ହେବ ନାହିଁ ||୨-୩୮||

Treating pleasure and pain, gain and loss, victory and defeat alike, engage yourself in your duty. By doing your duty this way you will not incur sin. (2.38)

## ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ୟୋଗେ ତ୍ୱିମାଂ ଶୃଣୁ .

## ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମବଂଧଂ ପ୍ରହାସ୍ୟସି .. ୨-୩୯..

ହେ ପାର୍ଥ! ଏହି ବୁଦ୍ଧି ତୁମକୁ ଜ୍ଞାନଯୋଗ  ଦୃଷ୍ଟିରୁ କୁହାଗଲା | ବର୍ତ୍ତମାନ ତୁମେ ଏହାକୁ କର୍ମଯୋଗ ଦୃଷ୍ଟିରୁ ଶୁଣ; ଏହି ବୁଦ୍ଧିରେ ଯୁକ୍ତ ହେଲେ ତୁମେ କର୍ମବନ୍ଧନକୁ ଭଲରୂପେ ତ୍ୟାଗ କରିଦେଇପାରିବ ଅର୍ଥାତ୍ କର୍ମବନ୍ଧନରୁ ସର୍ବଥା ମୁକ୍ତ ହୋଇଯିବ ||୨-୩୯||

The wisdom of Saamkhya (or the knowledge of the Self) has been imparted to you, O Arjuna. Now listen to the wisdom of Karma-yoga endowed with which you will free yourself from the bondage of Karma. (2.39)

## ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ .

## ସ୍ୱଲ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ .. ୨-୪୦..

ଏହି  କର୍ମଯୋଗରେ ଆରମ୍ଭର ଅର୍ଥାତ୍ ବୀଜର ନାଶ ହୁଏ ନାହିଁ ଏବଂ ବିପରୀତ ଫଳରୂପକ ଦୋଷ ମଧ୍ୟ ଏଥିରେ ହୁଏ ନାହିଁ | ବରଂ ଏହି କର୍ମଯୋଗରୂପକ ଧର୍ମର ସାମାନ୍ୟମାତ୍ର ସାଧନା ବି ଜନ୍ମମୃତ୍ୟୁରୂପକ ବିରାଟ ଭୟରୁ ରକ୍ଷା କରିଦିଏ ||୨-୪୦||

In Karma-yoga no effort is ever lost, and there is no harm. Even a little practice of this discipline protects one from great fear (of birth and death). (2.40)

## ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନଂଦନ .

## ବହୁଶାଖା ହ୍ୟନଂତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ .. ୨-୪୧..

ହେ ଅର୍ଜୁନ,ଏହି କର୍ମଯୋଗରେ ନିଶ୍ଚୟାତ୍ମିକା ବୁଦ୍ଧି ଗୋଟିଏମାତ୍ର ହୁଏ, କିନ୍ତୁ ଅସ୍ଥିରବିଚାରଯୁକ୍ତ ବିବେକହୀନ ସକାମ ମନୁଷ୍ୟମାନଙ୍କର ବୁଦ୍ଧି ନିଶ୍ଚିତଭାବରେ ବହୁପ୍ରକାର ଓ ଅସଂଖ୍ୟ ହୁଏ | ||୨-୪୧||

Those who are resolute have only one thought (of Self-realization), but the thoughts of the irresolute are endless and many-branched, O Arjuna. (2.41)

ୟାମିମାଂ ପୁଷ୍ପିତାଂ ବାଚଂ ପ୍ରବଦଂତ୍ୟବିପଶ୍ଚିତଃ .

ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ .. ୨-୪୨..

କାମାତ୍ମାନଃ ସ୍ଵର୍ଗପରା ଜନ୍ମକର୍ମଫଲପ୍ରଦାମ୍ .

କ୍ରିୟାବିଶେଷବହୁଲାଂ ଭୋଗୈଶ୍ଵର୍ୟଗତିଂ ପ୍ରତି .. ୨-୪୩..

ଭୋଗୈଶ୍ଵର୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍ .

ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ .. ୨-୪୪..

ହେ ଅର୍ଜୁନ! ଯେଉଁମାନେ ଭୋଗରେ ବୁଡିରହିଛନ୍ତି, ଯେଉଁମାନେ କର୍ମଫଳର ପ୍ରଶଂସା କରୁଥିବା ବେଦବାକ୍ୟରେ ପ୍ରୀତି ରଖନ୍ତି,ଯେଉଁମାନଙ୍କର ବୁଦ୍ଧିରେ ସ୍ଵର୍ଗ ହିଁ ପରମ ପ୍ରାପ୍ୟ ବସ୍ତୁ ଏବଂ ଯେଉଁମାନେ ସ୍ଵର୍ଗରୁ ବଳି ଅନ୍ୟ କୌଣସି ବସ୍ତୁ ନାହିଁ ବୋଲି କହନ୍ତି, ସେହି ଅବିବେକୀମାନେ ଭୋଗ-ଐଶ୍ଵର୍ଯ୍ୟ ପ୍ରାପ୍ତି ନିମନ୍ତେ ଜନ୍ମରୂପକ କର୍ମଫଳ ଦେଉଥିବା କ୍ରୀୟାବହୁଳ ଶ୍ରୁତିମଧୁର ସୁନ୍ଦର ପୁଷ୍ପିତ ବାଣୀ କହନ୍ତି | ସେପରି ବାଣୀଦ୍ଵାରା ଯେଉଁମାନଙ୍କର ଚିତ୍ତହରଣ ହୋଇଯାଇଛି, ଯେଉଁମାନେ ଭୋଗ ଓ ଐଶ୍ଵର୍ଯ୍ୟରେ ଅତ୍ୟନ୍ତ ଆସକ୍ତ, ସେହି ପୁରୁଷମାନଙ୍କର ପରମାତ୍ମାଙ୍କ ଠାରେ ନିଶ୍ଚୟାତ୍ମିକା ବୁଦ୍ଧି ହୁଏ ନାହିଁ ||୨-୪୨,୨-୪୩,୨-୪୪||

The unwise who delight in flowery words (or the chanting of the Vedas without understanding the real meaning) stress Karma-Kaanda, the ritualistic aspect of the Vedas, O Arjuna, and say that there is nothing else (except material enjoyment). (2.42)

They prescribe various specific rites for the attainment of pleasure and power to those who are full of desires, and hold the attainment of heaven as the highest goal of life. The rebirth is their fruit of action. (2.43)

The resolute determination (of Self-realization) is not formed in the minds of those who are attached to pleasure and power; and whose discernment is obscured by such (ritualistic) activities. (2.44)

## ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ .
## ନିର୍ଦ୍ୱଂଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ୟୋଗକ୍ଷେମ ଆତ୍ମବାନ୍ .. ୨-୪୫..

ହେ ଅର୍ଜୁନ! ବେଦମାନେ ଉପରୋକ୍ତପ୍ରକାରେ ତିନିଗୁଣର କାର୍ଯ୍ୟରୂପ ସମସ୍ତ ଭୋଗ ଏବଂ ସେସବୁର ସାଧନମାନଙ୍କର ପ୍ରତିପାଦନ କରନ୍ତି | ତୁମେ ସେସବୁ ଭୋଗ ଏବଂ ସେସବୁର ସାଧନରେ ଆସକ୍ତି ତ୍ୟାଗ କର; ହର୍ଷ-ଶୋକାଦି ଦ୍ୱନ୍ଦରୁ ରହିତ ହୋଇଯାଅ; ନିତ୍ୟବସ୍ତୁ ପରମାତ୍ମାରେ ସ୍ଥିତ ହୋଇ, ଯୋଗକ୍ଷେମ ନ ଚାହିଁ ସ୍ୱାଧୀନ-ଅନ୍ତଃକରଣଯୁକ୍ତ ହୋଇଯାଅ ||୨-୪୫||

The Vedas deal with the three states or Gunas of mind. Become free from dualities, be ever balanced and unconcerned with the thoughts of acquisition and preservation. Rise above the three Gunas, and be Self-conscious, O Arjuna. (2.45)

## ୟାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ .
## ତାବାନ୍ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ .. ୨-୪୬..

ସବୁଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭକରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଯାଏ | ||୨-୪୬||

Guna means the quality, state, or the property of mind, matter, and the nature. Refer to Chapter 14 for more details on Gunas.

To a Self-realized person the Vedas are as useful as a reservoir of water when there is flood water available everywhere. (2.46)

## କର୍ମଣ୍ୟେବାଧିକାରସ୍ତେ ମା ଫଲେଷୁ କଦାଚନ .
## ମା କର୍ମଫଲହେତୁର୍ଭୂର୍ମା ତେ ସଂଗୋଽସ୍ତ୍ୱକର୍ମଣି .. ୨-୪୭..

କର୍ମ କରିବାରେ ହିଁ ତୁମର ଅଧିକାର ରହିଛି; କର୍ମଫଳ ଉପରେ ତୁମର କଦାପି ଅଧିକାର ନାହିଁ | ତେଣୁ ତୁମେ କର୍ମଫଳର କାରଣ ହୁଅ ନାହିଁ ତଥା ତୁମର କର୍ମ ନ କରିବାରେ ବି ଆସକ୍ତି ନ ହେଉ | ||୨-୪୭||

You have Adhikaara over your respective duty only, but no control or claim over the results. The fruits of work should not be your motive. You should never be inactive. (2.47)

## ଯୋଗସ୍ଥଃ କୁରୁ କର୍ମାଣି ସଂଗଂ ତ୍ୟକ୍ତ୍ୱା ଧନଂଜୟ .

## ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ .. ୨-୪୮..

ହେ ଧନଞ୍ଜୟ! ତୁମେ ଆସକ୍ତି ତ୍ୟାଗ କରି ତଥା ସିଦ୍ଧି ଓ ଅସିଦ୍ଧିରେ ସମାନ ବୁଦ୍ଧି ରଖି ଯୋଗସ୍ଥ ହୋଇ କର୍ତ୍ତବ୍ୟକର୍ମ କର; ସମତ୍ୱକୁ ହିଁ ଯୋଗ କୁହାଯାଏ | ||୨-୪୮||

The word Adhikaara means ability and privilege, prerogative, jurisdiction, discretion, right, preference, choice, rightful claim, authority, control. Do your duty to the best of your ability, O Arjuna, with your mind attached to the Lord, abandoning (worry and) attachment to the results, and remaining calm in both success and failure. The equanimity of mind is called Karma-yoga. (2.48)

## ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଂଜୟ .

## ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଲହେତବଃ .. ୨-୪୯..

ଏହି ସମତ୍ୱରୂପକ ବୁଦ୍ଧିଯୋଗ ଅପେକ୍ଷା ସକାମ କର୍ମ ଅତ୍ୟନ୍ତ ନିମ୍ନଶ୍ରେଣୀର ଅଟେ | ତେଣୁ ହେ ଧନଞ୍ଜୟ! ତୁମେ ସମବୁଦ୍ଧିରେ ହିଁ ରକ୍ଷାର ଉପାୟ ଖୋଜ ଅର୍ଥାତ୍ ବୁଦ୍ଧିଯୋଗର ହିଁ ଆଶ୍ରୟ ଗ୍ରହଣ କର; କାରଣ, ଫଳର କାରଣ ହେଉଥିବା ଲୋକେ ଅତ୍ୟନ୍ତ ଦୀନ ||୨-୪୯||

Work done with selfish motives is inferior by far to the selfless service or Karma-yoga. Therefore be a Karma-yogi, O Arjuna. Those who seek (to enjoy) the fruits of their work are verily unhappy (because one has no control over the results). (2.49)

## ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ .

## ତସ୍ମାଦ୍ୟୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଲମ୍ .. ୨-୫୦..

ସମବୁଦ୍ଧିଯୁକ୍ତ ପୁରୁଷ ପୁଣ୍ୟ ଓ ପାପ ଉଭୟକୁ ଇହଲୋକରେ ତ୍ୟାଗ କରିଦିଅନ୍ତି ଅର୍ଥାତ୍ ସେଥିରୁ ମୁକ୍ତ ହୋଇଯାଆନ୍ତି | ତେଣୁ ତୁମେ ସମତ୍ୱ ରୂପକ ଯୋଗରେ ଲାଗିଯାଅ | ଏହି ସମତ୍ୱରୂପକ ଯୋଗ ହିଁ କର୍ମରେ କୁଶଳତା ଅର୍ଥାତ୍ କର୍ମବନ୍ଧନରୁ ମୁକ୍ତି ପାଇବାର ଉପାୟ ||୨-୫୦||

A Karma-yogi gets freedom from both vice and virtue in this life itself. Therefore, strive for Karma-yoga. Working to the best of one's abilities without getting attached to the fruits of work is called (Nishkaama) Karma-yoga. (2.50)

## କର୍ମଜଂ ବୁଦ୍ଧିଯୁକ୍ତା ହି ଫଲଂ ତ୍ୟକ୍ତ୍ୱା ମନୀଷିଣଃ .

## ଜନ୍ମବଂଧବିନିର୍ମୁକ୍ତାଃ ପଦଂ ଗଚ୍ଛଂତ୍ୟନାମୟମ୍ .. ୨-୫୧..

କାରଣ ସମବୁଦ୍ଧିରେ ଯୁକ୍ତ ଜ୍ଞାନୀଜନମାନେ କର୍ମଦ୍ୱାରା ଉତ୍ପନ୍ନ ହେଉଥିବା ଫଳ ତ୍ୟାଗ କରି, ଜନ୍ମରୂପକ ବନ୍ଧନରୁ ମୁକ୍ତ ହୋଇ ନିର୍ବିକାର ପରମପଦ ପ୍ରାପ୍ତ ହୋଇଯାଆନ୍ତି ||୨-୫୧||

Wise Karma-yogis, possessed with mental poise by renouncing the attachment to the fruits of work, are indeed freed from the bondage of rebirth and attain the blissful divine state. (2.51)

## ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି .

## ତଦା ଗଂତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ .. ୨-୫୨..

ଯେତେବେଳେ ତୁମର ବୁଦ୍ଧି ମୋହରୂପକ ପଙ୍କକୁ ସମ୍ପୂର୍ଣ୍ଣରୂପେ ଅତିକ୍ରମ କରିଯିବ, ସେତେବେଳେ ତୁମର ଶୁଣିଥିବା ଏବଂ ଶୁଣିବାକୁ ଥିବା ଇହଲୋକ ଏବଂ ପରଲୋକ ସମ୍ବନ୍ଧୀୟ ସମସ୍ତପ୍ରକାର ଭୋଗ ପ୍ରତି ବୈରାଗ୍ୟ ଆସିଯିବ ||୨-୫୨||

When your intellect will completely pierce the veil of delusion, then you will become indifferent to what has been heard and what is to be heard (from the scriptures). (2.52)

## ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଲା .

## ସମାଧାବଚଲା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି .. ୨-୫୩..

ବିଭିନ୍ନପ୍ରକାର କଥା ଶୁଣି ଶୁଣି ବିଚଳିତ ହୋଇଯାଇଥିବା ତୁମର ବୁଦ୍ଧି ଯେତେବେଳେ ପରମାତ୍ମାଙ୍କ ଠାରେ ଅଚଳ ଓ ସ୍ଥିର ହୋଇଯିବ, ସେତେବେଳେ ତୁମେ ଯୋଗପ୍ରାପ୍ତ ହୋଇଯିବ ଅର୍ଥାତ୍ ପରମାତ୍ମାଙ୍କ ସହିତ ତୁମର ନିତ୍ୟସଂଯୋଗ ହୋଇଯିବ ||୨-୫୩||

When your intellect, that is confused by the conflicting opinions and the ritualistic doctrine of the Vedas, shall stay steady and firm with the Self, then you shall attain Self-realization. (2.53)

## ଅର୍ଜୁନ ଉବାଚ .

## ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ .

## ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ .. ୨-୫୪..

ଅର୍ଜୁନ ପଚାରିଲେ -- ହେ କେଶବ! ସମାଧୀରେ ସ୍ଥିତ ପରମାତ୍ମାପ୍ରାପ୍ତ ସ୍ଥିରବୁଦ୍ଧି ପୁରୁଷଙ୍କ ଲକ୍ଷଣ କ'ଣ? ସେହି ସ୍ଥିରବୁଦ୍ଧି ପୁରୁଷ କିପରି କହନ୍ତି, କିପରି ବସନ୍ତି ଏବଂ କିପରି ଚଳନ୍ତି ? ||୨-୫୪||

Arjuna said: O Krishna, what is the mark of a person whose Prajna is steady and merged in superconscious state? How does a person of steady Prajna speak? How does such a person sit and walk? (2.54)

ଶ୍ରୀଭଗବାନୁବାଚ .

ପ୍ରଜହାତି ଯଦା କାମାନ୍ସର୍ବାନ୍ପାର୍ଥ ମନୋଗତାନ୍ .

ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ .. ୨-୫୫..

ଶ୍ରୀଭଗବାନ୍ କହିଲେ -- ହେ ଅର୍ଜୁନ! ଯେତେବେଳେ ଏହି ପୁରୁଷ ମନ ମଧ୍ୟରେ ଥିବା ସମସ୍ତ କାମନା ପୂର୍ଣ୍ଣରୂପେ ତ୍ୟାଗ କରିଦିଅନ୍ତି ଏବଂ ଆତ୍ମାଦ୍ୱାରା ଆତ୍ମାରେ ହିଁ ସନ୍ତୁଷ୍ଟ ହୋଇ ରହନ୍ତି, ସେତେବେଳେ ତାଙ୍କୁ ସ୍ଥିତପ୍ରଜ୍ଞ ବୋଲି କୁହାଯାଏ ||୨-୫୫||

Prajna means consciousness, mind, intellect, judgment, discrimination, and wisdom.
The Supreme Lord said: When one is completely free from all desires of the mind and is satisfied in the Self by the (joy of) Self, then one is called a person of steady Prajna, O Arjuna. (2.55)

ଦୁଃଖେଷ୍ୱନୁଦ୍ୱିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ .

ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ .. ୨-୫୬..

ଦୁଃଖ ଆସିଗଲେ ବି ଯାହାଙ୍କ ମନରେ ଉଦ୍‌ବେଗ ଜାତ ହୁଏ ନାହିଁ, ସୁଖ ମିଳିଗଲେ ବି ଯେ ସର୍ବଥା ନିଃସ୍ପୃହ ରହନ୍ତି, ଯାହାଙ୍କର ରାଗ, ଭୟ ଓ କ୍ରୋଧ ନଷ୍ଟ ହୋଇଯାଇଛି, ସେହିପରି ମୁନିଙ୍କୁ ସ୍ଥିରବୁଦ୍ଧି କୁହାଯାଏ | ||୨-୫୬||

A person whose mind is unperturbed by sorrow, who does not crave pleasures, and who is free from attachment, fear, and anger; such a person is called a sage of steady Prajna. (2.56)

ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ପ୍ରାପ୍ୟ ଶୁଭାଶୁଭମ୍ .

ନାଭିନଂଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା .. ୨-୫୭..

ଯେଉଁ ପୁରୁଷ ସର୍ବତ୍ର ସ୍ନେହରହିତ ହୋଇ ଶୁଭ ବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ଅଟେ ||୨-୫୭||

Those who are not attached to anything, who are neither elated by getting desired results nor troubled by undesired results, their Prajna is deemed steady. (2.57)

ଯଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ .

ଇଂଦ୍ରିୟାଣୀଂଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା .. ୨-୫୮..

ଏବଂ କଇଁଛ ଯେପରି ନିଜର ଅଙ୍ଗପ୍ରତ୍ୟଙ୍ଗଗୁଡିକୁ ସବୁଦିଗରୁ ସଙ୍କୁଚିତ କରି ଆଣେ, ଏହି ପୁରୁଷ ଯେତେବେଳେ ଠିକ୍ ସେହିପରି ନିଜର ଇନ୍ଦ୍ରିୟମାନଙ୍କୁ ଇନ୍ଦ୍ରିୟଗ୍ରାହ୍ୟ ବିଷୟମାନଙ୍କରୁ ସକଳପ୍ରକାରେ ହଟାଇ ଆଣନ୍ତି, ସେତେବେଳେ ତାଙ୍କର ବୁଦ୍ଧି ସ୍ଥିର ଅଟେ ବୋଲି ଜାଣିବା ଉଚିତ ||୨-୫୮||

When one can completely withdraw (or restrain) the senses from the sense objects as a tortoise withdraws its limbs (into the shell), then the Prajna of such a person is considered steady. (2.58)

**ବିଷୟା ବିନିବର୍ତଂତେ ନିରାହାରସ୍ୟ ଦେହିନଃ .**

**ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତତେ .. ୨-୫୯..**

ଇନ୍ଦ୍ରିୟମାନଙ୍କ ଦ୍ୱାର ବିଷୟମାନଙ୍କୁ ଗ୍ରହଣ କରୁ ନ ଥିବା ପୁରୁଷର କେବଳ ବିଷୟମାନେ ନିବୃତ ହୋଇଯାଆନ୍ତି; ବିଷୟଭୋଗପ୍ରତି ରହିଥିବା ଆସକ୍ତି ନିବୃତ ହୁଏ ନାହିଁ; କିନ୍ତୁ ପରମାତ୍ମାଙ୍କ ସାକ୍ଷାତ୍କାର କରିଥିବାରୁ ଏହି ସ୍ଥିତପ୍ରଜ୍ଞ ପୁରୁଷଙ୍କର ଆସକ୍ତି ବି ନିବୃତ ହୋଇଯାଇଥାଏ ||୨-୫୯||

The desire for sensual pleasures fades away if one abstains from sense enjoyment, but the craving (for sense enjoyment) remains. The craving also disappears from the one who has seen (or known) the Supreme. (2.59)

**ଯତତୋ ହ୍ୟପି କୌଂତେୟ ପୁରୁଷସ୍ୟ ବିପଶ୍ଚିତଃ .**

**ଇଂଦ୍ରିୟାଣି ପ୍ରମାଥୀନି ହରଂତି ପ୍ରସଭଂ ମନଃ .. ୨-୬୦..**

ହେ ଅର୍ଜୁନ! ଆସକ୍ତି ନାଶ ହୋଇ ନ ଥିବାରୁ ଏହି ପ୍ରମଥନସ୍ୱଭାବବିଶିଷ୍ଟ ଇନ୍ଦ୍ରିୟମାନେ ଯତ୍ନଶୀଳ ବୁଦ୍ଧିମାନ୍ ପୁରୁଷଙ୍କର ମନକୁ ମଧ୍ୟ ବଳପୂର୍ବକ ହରଣ କରିନିଅନ୍ତି ||୨-୬୦||

Restless senses, O Arjuna, forcibly carry away the mind of even a wise person striving for perfection. (2.60)

**ତାନି ସର୍ବାଣି ସଂୟମ୍ୟ ଯୁକ୍ତ ଆସୀତ ମତ୍ପରଃ .**

**ବଶେ ହି ଯସ୍ୟେଂଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା .. ୨-୬୧..**

ତେଣୁ ସାଧକଙ୍କ ପକ୍ଷରେ ଏହା ଆବଶ୍ୟକ ଯେ, ତାଙ୍କୁ ସକଳ ଇନ୍ଦ୍ରିୟ ବଶ କରି, ସମାହିତଚିତ୍ତ ହୋଇ, ମୋର ପରାୟଣ ହୋଇ ଧ୍ୟାନରେ ବସିବାକୁ ପଡିବ; କାରଣ ଯେଉଁ ପୁରୁଷଙ୍କ ଇନ୍ଦ୍ରିୟମାନେ ବଶୀଭୂତ ହୋଇଥାନ୍ତି, ତାହାଙ୍କର ବୁଦ୍ଧି ସ୍ଥିର ହୋଇଥାଏ ||୨-୬୧||

Having brought the senses under control, one should fix one's mind on the Self. One's Prajna becomes steady whose senses are under control. (2.61)

**ଧ୍ୟାୟତୋ ବିଷୟାନ୍ପୁଂସଃ ସଂଗସ୍ତେଷୂପଜାୟତେ .**

**ସଂଗାତ୍ସଂଜାୟତେ କାମଃ କାମାତ୍କ୍ରୋଧୋଽଭିଜାୟତେ .. ୨-୬୨..**

ବିଷୟଚିନ୍ତନ କରୁଥିବା ପୁରୁଷର ସେହି ବିଷୟମାନଙ୍କରେ ଆସକ୍ତି ହୋଇଯାଏ; ଆସକ୍ତିରୁ ସେହି ବିଷୟମାନଙ୍କ ପ୍ରତି କାମନା ଉତ୍ପନ୍ନ ହୋଇଯାଏ ଏବଂ କାମନାରେ ବାଧା ଉପୁଜିଲେ କ୍ରୋଧ ଜାତ ହୋଇଯାଏ ||୨-୬୨||

One develops attachment to sense objects by thinking about sense objects. Desire for sense objects comes from attachment to sense objects, and anger comes from unfulfilled desires. (2.62)

## କ୍ରୋଧାଦ୍‌ଭବତି ସମ୍ମୋହଃ ସମ୍ମୋହାତ୍‌ସ୍ମୃତିବିଭ୍ରମଃ .

## ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍‌ପ୍ରଣଶ୍ୟତି .. ୨-୬୩..

କ୍ରୋଧରୁ ଅତ୍ୟନ୍ତ ମୂଢଭାବ ଉତ୍ପନ୍ନ ହୋଇଯାଏ; ମୂଢଭାବରୁ ସ୍ମୃତିଭ୍ରମ ହୋଇଯାଏ; ସ୍ମୃତିବିଭ୍ରମ ହେବାରୁ ବୁଦ୍ଧି ଅର୍ଥାତ୍ ଜ୍ଞାନଶକ୍ତି ନାଶ ହୋଇଯାଏ ଏବଂ ବୁଦ୍ଧିନାଶ ହେବାରୁ ସେହି ପୁରୁଷ ନିଜର ସ୍ଥିତିରୁ ଖସିପଡେ ||୨-୬୩||

Delusion arises from anger. The mind is bewildered by delusion. Reasoning is destroyed when the mind is bewildered. One falls down (from the right path) when reasoning is destroyed. (2.63)

## ରାଗଦ୍ୱେଷବିଯୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ .

## ଆତ୍ମବଶ୍ୟୈର୍‌ବିଧେୟାତ୍ମା ପ୍ରସାଦମଧିଗଚ୍ଛତି .. ୨-୬୪..

କିନ୍ତୁ ଅନ୍ତଃକରଣକୁ ନିଜର ଅଧୀନ କରିଥିବା ସାଧକ ନିଜ ବଶରେ ରଖିଥିବା ରାଗଦ୍ୱେଷରହିତ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟମାନଙ୍କରେ ବିଚରଣ କରୁଥାଇ ମଧ୍ୟ ଅନ୍ତଃକରଣର ପ୍ରସନ୍ନତା ଲାଭ କରନ୍ତି ||୨-୬୪||

A disciplined person, enjoying sense objects with senses that are under control and free from likes and dislikes, attains tranquillity. (2.64)

## ପ୍ରସାଦେ ସର୍‌ବଦୁଃଖାନାଂ ହାନିରସ୍ୟୋପଜାୟତେ .

## ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍‌ୟବତିଷ୍ଠତେ .. ୨-୬୫..

ଅନ୍ତଃକରଣର ପ୍ରସନ୍ନତା ଆସିବା ଫଳରେ ତାଙ୍କର ସମସ୍ତ ଦୁଃଖର ବିନାଶ ହୋଇଯାଏ ଏବଂ ସେହି ପ୍ରସନ୍ନଚିତ୍ତ କର୍ମଯୋଗୀଙ୍କର ବୁଦ୍ଧି ଶୀଘ୍ର ହିଁ ସକଳ ଦିଗରୁ ଅପସରି ଆସି ଏକ ପରମାତ୍ମାଙ୍କ ଠାରେ ଭଲଭାବରେ ସ୍ଥିର ହୋଇଯାଏ ||୨-୬୫||

All sorrows are destroyed upon attainment of tranquillity. The intellect of such a tranquil person soon becomes completely steady. (2.65)

## ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା .

## ନ ଚାଭାବୟତଃ ଶାଂତିରଶାଂତସ୍ୟ କୁତଃ ସୁଖମ୍ .. ୨-୬୬..

ମନ ଓ ଇନ୍ଦ୍ରିୟମାନଙ୍କୁ ଜୟ କରି ନ ଥିବା ମନୁଷ୍ୟର ନିଶ୍ଚୟାତ୍ମିକା ବୁଦ୍ଧି ହୁଏ ନାହିଁ ଏବଂ ସେପରି ଅଯୁକ୍ତ ମନୁଷ୍ୟର ଅନ୍ତଃକରଣରେ ଆସ୍ତିକଭାବନା ବି ଆସେ ନାହିଁ; ଆସ୍ତିକ ଭାବନାହୀନ ମନୁଷ୍ୟକୁ ଶାନ୍ତି ମିଳେ ନାହିଁ; ଶାନ୍ତିରହିତ ମନୁଷ୍ୟକୁ ସୁଖ ବା କେଉଁଠୁ ମିଳିବ? ||୨-୬୬||

There is neither Self-knowledge nor Self-perception to those whose senses are not under control. Without Self-perception there is no peace; and without peace there can be no happiness. (2.66)

**ଇଂଦ୍ରିୟାଣାଂ ହି ଚରତାଂ ୟନ୍ମନୋଽନୁବିଧୀୟତେ .**

**ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାଂଭସି .. ୨-୬୭..**

କାରଣ ବାୟୁ ଯେପରି ଜଳରେ ଚାଲୁଥିବା ନୌକାକୁ ହରଣ କରିନିଏ, ବିଷୟରେ ବିଚରଣ କରୁଥିବା ଇନ୍ଦ୍ରିୟମାନଙ୍କ ମଧ୍ଯରୁ ଯେଉଁ ଇନ୍ଦ୍ରିୟଟିର ସହିତ ମନ ରହିଥାଏ, ସେହି ଗୋଟିକ ଇନ୍ଦ୍ରିୟ ବି ସେହିପରି ଉକ୍ତ ଅଯୁକ୍ତ ମନୁଷ୍ୟର ବୁଦ୍ଧିକୁ ହରଣ କରିନିଏ ||୨-୬୭||

The mind, when controlled by the roving senses, steals away the Prajna as a storm takes away a boat on the sea from its destination, the spiritual shore. (2.67)

**ତସ୍ମାଦ୍ୟସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ .**

**ଇଂଦ୍ରିୟାଣୀଂଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା .. ୨-୬୮..**

ତେଣୁ ହେ ମହାବାହୁ! ଯେଉଁ ପୁରୁଷଙ୍କ ଇନ୍ଦ୍ରିୟମାନେ ଇନ୍ଦ୍ରିୟମାନଙ୍କର ବିଷୟମାନଙ୍କ ଠାରୁ ସକଳ ପ୍ରକାରେ ନିଗୃହୀତ ହୋଇଯାଇଥାନ୍ତି, ତାହାଙ୍କର ବୁଦ୍ଧି ସ୍ଥିର ଅଟେ ||୨-୬୮||

Therefore, O Arjuna, one's Prajna becomes steady whose senses are completely withdrawn from the sense objects. (2.68)

**ୟା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତି ସଂୟମୀ .**

**ୟସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ .. ୨-୬୯..**

ଯେଉଁ ପରମାନନ୍ଦପ୍ରାପ୍ତି ସକଳ ପ୍ରାଣୀଙ୍କ ନିମନ୍ତେ ରାତ୍ରିସମାନ, ସେହି ନିତ୍ୟଜ୍ଞାନସ୍ୱରୂପ ପରମାନନ୍ଦପ୍ରାପ୍ତିରେ ସ୍ଥିତପ୍ରଜ୍ଞ ଯୋଗୀ ଜାଗ୍ରତ ରହନ୍ତି ଏବଂ ଯେଉଁ ନାଶବାନ୍ ସାଂସାରିକ ସୁଖ ଲାଭରେ ସକଳପ୍ରାଣୀ ଜାଗ୍ରତ ରହନ୍ତି, ପରମାତ୍ମତତ୍ତ୍ୱ ଜାଣିଥିବା ମୁନିଙ୍କ ନିମନ୍ତେ ତାହା ରାତ୍ରିସମାନ ||୨-୬୯||

A yogi is aware of the thing (or Atma) about which others are unaware. A sage who sees is unaware of the experience (of sense objects) about which others are aware. (2.69)

**ଆପୂର୍ୟମାଣମଚଲପ୍ରତିଷ୍ଠଂ**

**ସମୁଦ୍ରମାପଃ ପ୍ରବିଶଂତି ୟଦ୍ୱତ୍ .**

**ତଦ୍ୱତ୍କାମା ୟଂ ପ୍ରବିଶଂତି ସର୍ବେ**

**ସ ଶାଂତିମାପ୍ନୋତି ନ କାମକାମୀ .. ୨-୭୦..**

ନାନାନଦୀର ଜଳ ଯେପରି ସକଳ ଦିଗରୁ ପରିପୂର୍ଣ୍ଣ ଅଚଳପ୍ରତିଷ୍ଠାଯୁକ୍ତ ସମୁଦ୍ରକୁ ବିଚଳିତ ନ କରି ତା'ଭିତରେ ପ୍ରବେଶ କରେ, ସକଳ ଭୋଗ ସେହିପରି ଯେଉଁ ସ୍ଥିତପ୍ରଜ୍ଞ ପୁରୁଷଙ୍କ ଠାରେ କୌଣସିପ୍ରକାର ବିକାର ଉତ୍ପନ୍ନ ନ କରି ପ୍ରବେଶ କରନ୍ତି, ସେହି ପୁରୁଷ ପରମ ଶାନ୍ତି ପ୍ରାପ୍ତ ହୁଅନ୍ତି | ଭୋଗ ଚାହୁଁଥିବା ଲୋକ ତାହା ପାଏ ନାହିଁ ||୨-୭୦||

One attains peace in whose mind all desires enter without creating any disturbance, as river waters enter the full ocean without creating a disturbance. One who desires material objects is never peaceful. (2.70)

**ବିହାୟ କାମାନ୍ୟଃ ସର୍ବାନ୍ପୁମାଂଶ୍ଚରତି ନିଃସ୍ପୃହଃ .**

**ନିର୍ମମୋ ନିରହଂକାରଃ ସ ଶାଂତିମଧିଗଚ୍ଛତି .. ୨-୭୧..**

ଯେଉଁ ପୁରୁଷ ସମସ୍ତ କମନା ତ୍ୟାଗ କରି ମମତାରହିତ, ଅହଙ୍କାରରହିତ ଏବଂ ସ୍ପୃହାରହିତ ହୋଇ ବିଚରଣ କରନ୍ତି, ସେ ହିଁ ଶାନ୍ତି ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ଶାନ୍ତି ଲାଭ କରିଥାନ୍ତି ||୨-୭୧||

*One who abandons all desires and becomes free from longing and the feeling of 'I' and 'my' attains peace. (2.71)*

**ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି .**

**ସ୍ଥିତ୍ୱାସ୍ୟାମଂତକାଲେଽପି ବ୍ରହ୍ମନିର୍ବାଣମୃଚ୍ଛତି .. ୨-୭୨..**

ହେ ଅର୍ଜୁନ! ଏହା ହେଉଛି ବ୍ରହ୍ମକୁ ପ୍ରାପ୍ତ ହୋଇଥିବା ପୁରୁଷଙ୍କ ସ୍ଥିତି | ଏହାକୁ ପ୍ରାପ୍ତ ହୋଇ ଯୋଗୀ କେବେହେଲେ ମୋହିତ ହୁଅନ୍ତି ନାହିଁ ଏବଂ ଅନ୍ତକାଳରେ ମଧ୍ୟ ଏହି ବ୍ରାହ୍ମୀ ସ୍ଥିତିରେ ସ୍ଥିତ ହୋଇ ବ୍ରହ୍ମାନନ୍ଦ ପ୍ରାପ୍ତ ହୁଅନ୍ତି ||୨-୭୨||

*O Arjuna, this is the Braahmee or superconscious state. Attaining this (state), one is no longer deluded. Gaining this state, even at the end of one's life, a person attains oneness with the Supreme. (2.72).*

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ**

**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**

**ସାଂଖ୍ୟୟୋଗୋ ନାମ ଦ୍ୱିତୀୟୋଽଧ୍ୟାୟଃ .. ୨..**

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO odiaorg@gmail.com**